## କାର୍ ଧକ୍କାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ବସ୍ତା,(ହରିଶଙ୍କର ପାଢ଼ୀ)- ୬୦ନଂ. ଜାତୀୟ ରାଜପଥର ନଗ୍ରମ ନିକଟରେ କାର୍ ଧକ୍କାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିହାର ରାଜ୍ୟ ମୁଜାଫରପୁରର ଯୋଗେନ୍ଦ୍ର ରାୟଙ୍କ ପୁତ୍ର ସିକନ୍ଦର (୩୦)। ସୂଚନା ଅନୁଯାୟୀ, ବାଲେଶ୍ୱରର ରେମୁଣା ଗୋଲେଇରେ ରହୁଥିବା ସିକନ୍ଦର ରବିବାର ଭୋର ସମୟରେ ଟ୍ରକ୍ ଅଟକାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ହଳଦୀପଦା ଫାଣ୍ଡି ଅଧିକାରୀ ତଦନ୍ତ ଜାରି ରଖିଛନ୍ତି।

### ସଂକ୍ଷେପରେ

## ମୁକ୍ତା ଯୋଜନାରେ ୧୨୨ ଏସ୍ଏଚ୍‌ଜିକୁ କାର୍ଯ୍ୟାଦେଶ

ବାରିପଦା,୩।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକା ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ୧୨୨ଟି ଏସ୍ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ) ଓ ବସ୍ତିବାସିନ୍ଦା ସଂଘକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ରାଜ୍ୟ ସହରାଞ୍ଚଳ ନଗର ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ତଥା ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ଯୁଗ୍ମ ସଚିବ ସାରଦା ପଣ୍ଡାଙ୍କ ଦ୍ୱାରା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଆୟୋଜିତ ସଭାରେ ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀର ଶତାଧିକ ମହିଳା ଏଥିରେ ଯୋଗ ଦେଇଥିଲେ। ବାରିପଦା ପୌର ପରିଷଦର ୨୮ ଟି ୱାର୍ଡର ସ୍ୱୟଂସହାୟକ ଗୋଷ୍ଠୀ ଏବଂ ବସ୍ତିବାସିନ୍ଦା ସଂଘକୁ ପେଭର ରୋଡ ନିର୍ମାଣ, ଓପନ ଜିମ୍, ଶିଶୁ କ୍ରୀଡ଼ା ଉପକରଣ ସ୍ଥାପନ, ଖୋଲା ସ୍ଥାନର ଉନ୍ନତୀକରଣ ଆଦି କାର୍ଯ୍ୟ ପାଇଁ ପ୍ରାୟ ୧୨ କୋଟି ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ସମସ୍ତ କାଉନସିଲର, ସିଟି ମିଶନ ମ୍ୟାନେଜର ଅଜିତ କୁମାର ମହାନ୍ତି, ଗୋଷ୍ଠୀ ସଂଗଠିକା ଦୀପ୍ତି ମହାନ୍ତ, କୁନିଆ ସାହୁ, ନମିତା ସାମଲ, ମୁକ୍ତା ଯୋଜନା କାର୍ଯ୍ୟକାରୀ ବିଶେଷଜ୍ଞ ଲୋମାଜିନ ସାମଲ, ସଂଯୋଜକ ମନୋରଞ୍ଜନ ବେହେରା, ରାଜେଶ ବେହେରା, ତପନ ବେହେରା, ବନୀତା ରଣା, ପୁଷ୍ପଲତା ନାୟକ, ଏକତା ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## କୋଠାରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ବଡ଼ବିଲ,୩।୧୨(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡ଼ିଥାନା ଅନ୍ତର୍ଗତ ଲୋଇଡ଼ାପଦାସ୍ଥିତ ଏକ ଫ୍ଲାଟର ସିଫ୍ଟ ଇନ୍‌ଚାର୍ଜ ୩ ମହଲା କୋଠା ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ସୁକାନ୍ତ ଦାସ(୩୦)। ଶନିବାର ପୂର୍ବାହ୍ନ ପ୍ରାୟ ୧୦ ଟା ୪୫ ମିନିଟ୍‌ରେ ସେ ଡ୍ୟୁଟି କରୁଥିବାବେଳେ କୋଠାରୁ ତଳକୁ ଡେଇଁ ପଡ଼ିଥିଲେ। ଫଳରେ ସୁକାନ୍ତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ଲାଟ୍ କର୍ତ୍ତୃପକ୍ଷଙ୍କ ଏତଲା ପରେ ରୁଗୁଡ଼ି ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୦୨୩)ରୁଜୁ କରିଛି। ରୁଗୁଡି ଥାନା ସବ୍-ଇନ୍ସପେକ୍ଟର ତରଣୀସେନ ବାଗ କହିଛନ୍ତି, ଦୀର୍ଘ ଦିନରୁ ସୁକାନ୍ତ ପାରିବାରିକ ମାନସିକ ଚାପରେ ରହିଥିବାରୁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ମୃତକଙ୍କ ପରିବାର ଲୋକେ ରବିବାର ଦିନ ପହଞ୍ଚିବା ପରେ ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯାଇ ତଦନ୍ତ ଜାରି ରହିଛି।

## ସଂସ୍କୃତ କାବ୍ୟ ପରମ୍ପରାକୁ ଓଡ଼ିଶାର ଦାନ ଅତୁଳନୀୟ

ବାଲେଶ୍ୱର,୩।୧୨ (ମାନସ ବିଶ୍ୱାଳ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ 'ନିଖିଳ ଉତ୍କଳ ସଂସ୍କୃତ କାବ୍ୟ-ସର୍ଜନ ଚର୍ଚ୍ଚା' ଏକ ଦିବସୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପାଠଚକ୍ରରେ ବରେଣ୍ୟ ଅତିଥି ଭାବେ ବର୍ଷିୟାନ ସଂସ୍କୃତ କବି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଯୋଗଦେଇ ସଂସ୍କୃତି ଓ ସଂସ୍କୃତ ପରସ୍ପର ସମନ୍ୱିତ। ପୁଣି ଭାରତୀୟ କାବ୍ୟ ପରମ୍ପରାରେ ଉତ୍କଳୀୟ କବି ମାନଙ୍କର ଯଶ ଅତ୍ୟନ୍ତ ଶୀର୍ଷରେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଜାମସେଦପୁରସ୍ଥିତ ନେତାଜୀ ସୁଭାଷ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗଙ୍ଗାଧର ପଣ୍ଡା ଯୋଗଦେଇ ମହାଭାରତ, ରାମାୟଣ ସହିତ ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣର ମୌଳିକତା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ପ୍ରମୁଖ ଅତିଥି ଭାବେ ଅଖିଳ ଭାରତୀୟ ଅମୃତବାଣୀ ସେବା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କୁମାର ଚନ୍ଦ୍ର ମିଶ୍ର, ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଡ.ସବ୍ୟସାଚୀ ପଟ୍ଟନାୟକ ମତାମତ ରଖିଥିଲେ। ବିଶ୍ୱବିଦ୍ୟାଳୟ ସହାୟତାରେ ପ୍ରକାଶିତ 'ବୈଦିକ ସାହିତ୍ୟରେ ସମାଜ ଓ ସଂସ୍କୃତି' ଶୀର୍ଷକ ଏକ ପୁସ୍ତକ ପାଠକାର୍ପିତ ହୋଇଥିଲା ଓ ଦଶଦିନିଆ ସଂସ୍କୃତ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଥିଲା। ଆଲୋଚନାଚକ୍ର ପରେ ବିଶିଷ୍ଟ ସଂସ୍କୃତ କବି ନିରଞ୍ଜନ ବେହେରା, ସଞ୍ଜୟ କୁମାର ପଣ୍ଡା, ଶଶୀକାନ୍ତ ପରିଡ଼ା, ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଫେସର ଗଙ୍ଗାଧର ପଣ୍ଡା, ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର, କୁମାର ଚନ୍ଦ୍ର ମିଶ୍ର, ନାରାୟଣ ସମାଇ, ସନ୍ଧ୍ୟାରାଣୀ ମୁଦୁଲି, ଲିଜାର୍ଚ୍ଚନା ଷଡ଼ଙ୍ଗୀ, ପୂଜା ଦାସ, ଶିକ୍ଷା ସୁମନ ପୁଥାଳ ଓ ପ୍ରଫେସର ସୁବାସ ଚନ୍ଦ୍ର ଦାସ ପ୍ରମୁଖ କବିତାପାଠ କରିଥିଲେ। ନୀଳଗିରିସ୍ଥିତ ବେଦ ପ୍ରତିଷ୍ଠାନର ଛାତ୍ରମାନେ ସାମୂହିକ ବେଦପାଠ କରିଥିଲେ। କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ. ଦେବାଶିଷ ପାତ୍ର ସଞ୍ଚାଳନ କରିଥିଲେ। ଅଧ୍ୟାପିକା ଡ. ଦେବସ୍ମିତା ବାରିକ ଓ ଅଧ୍ୟାପକ ଡ. ପ୍ରୀତିରଞ୍ଜନ ମାଝିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଗାଁରେ ପହଞ୍ଚି ଅନୁଭୂତି ବଖାଣିଲେ ତପନ

ବାସୁଦେବପୁର, ୩।୧୨ (ନାରାୟଣ ପ୍ରସାଦ ବାରିକ୍)

### ଉତ୍ତରାଖଣ୍ଡ ଟନେଲ୍‌ରେ ଫସି ରହିଥିଲେ

ଉତ୍ତରାଖଣ୍ଡର ଟନେଲ୍‌ରୁ ଉଦ୍ଧାର ହୋଇଥିବା ୫ ଓଡ଼ିଆ ଶ୍ରମିକଙ୍କ ମଧ୍ୟରୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ଚାଳିଶିଚେନ ଗ୍ରାମର ତପନ ମଣ୍ଡଳ(୨୦) ରବିବାର ଅପରାହ୍ନରେ ନିଜ ଗାଁରେ ପହଞ୍ଚିଛନ୍ତି। ପରିବାର ଲୋକେ ତାଙ୍କୁ ବନ୍ଦାପନା କରି ସ୍ୱାଗତ ଜଣାଇଥିଲେ। ତପନ ଟନେଲ୍‌ରେ ବିତାଇଥିବା ସମୟର ଅନୁଭୂତି ଭାବବିହ୍ୱଳ ହୋଇ ବଖାଣିଛନ୍ତି। ନାଇଟ୍ ଡ୍ୟୁଟି କରିବା ବେଳେ ମାଟି ଅତଡ଼ା ଖସି ଟନେଲ୍‌ର ମୁହଁ ବନ୍ଦ ହୋଇଥିବା ଜାଣି ସମସ୍ତେ ଭୟଭୀତ ହୋଇଯାଇଥିଲେ। ପ୍ରଥମ ୧୮ ଘଣ୍ଟା ସେମାନେ କିଛି ଖାଇ ନ ଥିଲେ। ଟନେଲ୍‌ରେ ଲାଇଟ୍ ଠିକ୍‌ଠାକ୍ ଥିବା ସହ ଶ୍ରମିକମାନେ ଏକଜୁଟ ହୋଇ ରହିଥିବାରୁ ସେମାନଙ୍କ ମନୋବଳ ବଢ଼ିଥିଲା। ପ୍ରଥମ ୧୦ଦିନ ମୁଢ଼ି ଖାଇ ଜୀବନ ରକ୍ଷା କରିଥିଲେ। ପରେ ପ୍ରଶାସନ ପକ୍ଷରୁ ୬ ଇଞ୍ଚ ପାଇପ୍ ମାଧ୍ୟମରେ ରନ୍ଧାଖାଦ୍ୟ ପଠାଯାଇଥିଲା। ସେମାନଙ୍କ ମଧ୍ୟରେ ସେ ସର୍ବକନିଷ୍ଠ ଶ୍ରମିକ ହୋଇଥିବାରୁ ଅନ୍ୟ ଶ୍ରମିକମାନେ ତାଙ୍କୁ ବୁଝାଇଥିଲେ। ପ୍ରଶାସନ ଓ ସରକାର ଯୋଗାଯୋଗରେ ଆସିବା ପରେ ସୁଡ଼ଙ୍ଗରୁ ବାହାରିବା ନେଇ ମନରେ ଆଶା ସଞ୍ଚାର ହୋଇଥିଲା। ତାହା ଭିତରେ ଥିବାବେଳେ ୮ଦିନ ପରେ ବାପାଙ୍କ ସହ କଥା ହୋଇ ଖୁସି ଲାଗିଥିଲା ବୋଲି ସେ କହିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର, ଉତ୍ତରାଖଣ୍ଡ ସରକାର, ସେନା କର୍ମଚାରୀ, ଏନ୍‌ଡିଆର୍‌ଏଫ୍ ସମେତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସମସ୍ତ ବ୍ୟକ୍ତିଙ୍କୁ ସେ କୃତଜ୍ଞତା ଜଣାଇବା ସହ ଭଗବାନଙ୍କ କୃପାରୁ ମୁକୁଳି ପାରିଥିବା କହିଥିଲେ। କମ୍ପାନୀ ସହଯୋଗରେ ସେ ତାଙ୍କ ଭାଇଙ୍କ ସହ ଘରକୁ ଫେରିଛନ୍ତି। ସ୍ଥାନୀୟ ସରପଞ୍ଚ ସସ୍ମିତା ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ, ଗ୍ରାମବାସୀ ଅମଳେନ୍ଦୁ ଦାସ, ଅଜୟ ଭଞ୍ଜ, ରାମଚନ୍ଦ୍ର ଘଡ଼େଇ, ଗୋପାଳ ମାନ୍ନା, ରାମନାରାୟଣ ଦାସ ପ୍ରମୁଖ ତପନଙ୍କୁ ସ୍ୱାଗତ କରିଛନ୍ତି। ପୁଅ ଘରକୁ ଫେରିଥିବାରୁ ତପନଙ୍କ ବାପା ମଣ୍ଟୁ ମଣ୍ଡଳଙ୍କ ସମେତ ପରିବାର ସଦସ୍ୟଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ପ୍ରକାଶଥାଉ କି, ଦୁଇଦିନ ତଳେ ଅନ୍ୟ ଶ୍ରମିକମାନେ ସରକାରଙ୍କ ମାଧ୍ୟମରେ ଓଡ଼ିଶା ଫେରିଥିବା ବେଳେ ତପନ ନିଜସ୍ୱ କାମ ଥିବା ଦର୍ଶାଇ ଆସି ନ ଥିଲେ।


ପରିବାର ଲୋକଙ୍କ ସହ ତପନ ମଣ୍ଡଳ।

## ସ୍ୱାସ୍ଥ୍ୟ ଶିବିରରେ ୮ ହଜାର ରୋଗୀଙ୍କ ଚିକିତ୍ସା



ସଭାରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ତିହିଡ଼ି,୩।୧୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଲଣା ସରକାରୀ ହାଇସ୍କୁଲରେ ରବିବାର ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟବେକ୍ଷକ ଦାସବର୍ମା କହିଥିଲେ, ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିଲେ ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ହେବ। ସେଥିପାଇଁ ସରକାର ଘରେ ଘରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ମୁଖ୍ୟବକ୍ତା ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ବିଧାୟକ ଡ. ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ବିଜୟ ନାୟକ ଓ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଡା. ସଞ୍ଜୟ ଦାସ, ବିଜେଡି ରାଜ୍ୟ ସମ୍ପାଦକ ଅଜୟ ନାୟକ, ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ମଧୁସ୍ମିତା ପାତ୍ର, ବିଜେଡି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ, ଜିଲା ମହିଳା ଉପସଭାନେତ୍ରୀ ଦେବକୀ ଦାସ, ହରେକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ବିଜେଡି ଯୁବ ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, ସମିତିସଭ୍ୟ ଜୟପ୍ରକାଶ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଡା. ସଞ୍ଜୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ଅଞ୍ଚଳରୁ ୮ହଜାର ରୋଗୀ ଚିକିତ୍ସିତ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଡା. ସୁବାସ ନାୟକଙ୍କ ପରିଚାଳନାରେ ୧୪ ବିଭାଗର ୬୨ଜଣ ଡାକ୍ତର ଚିକିତ୍ସା କରିଥିଲେ। ଧାମନଗର ଯୁବ ବିଜେଡି ସମ୍ପାଦକ ସୁଧନ୍ୱା ନାୟକ, ଧନଞ୍ଜୟ ନାୟକ, ଶିଶିର ପଣ୍ଡା, ଭୀମସେନ ବାରିକ, ସରପଞ୍ଚ ପବିତ୍ର ମଲିକ, ପୂର୍ବତନ ସରପଞ୍ଚ ଶଶଧର ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଡକାୟତି ଉଦ୍ୟମ ବେଳେ ଧରାପଡ଼ିଲେ ୩ ଯୁବକ

### ବନ୍ଧୁକ ସହ ଗୁଳି ଜବତ

ବାସୁଦେବପୁର,୩।୧୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୁଆଗଡ଼ିଆ ପଞ୍ଚାୟତ ଚିରୋଳ ଗ୍ରାମ ଛକରୁ ଡକାୟତି ଉଦ୍ୟମ କରୁଥିବା ବେଳେ ୩ ଯୁବକଙ୍କୁ ବାସୁଦେବପୁର ପୋଲିସ ଶୁକ୍ରବାର ରାତିରେ ଗିରଫ କରିଛି। ଅନ୍ୟ ୩ ଯୁବକ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକମାନେ ହେଲେ ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ବାଲିନଗର ଗ୍ରାମର ଲକ୍ଷ୍ମୀଧର ବାରିକ(୨୪), ବିନାୟକପୁର ଗ୍ରାମର ସୁଶାନ୍ତ ରଣା(୨୩) ଓ ନାୟକାଣିଡିହୀ ଥାନା ଅଧୀନ ଗଦଲାଖାସ ଗ୍ରାମର ସର୍ବେଶ୍ୱର ନାୟକ(୨୭)। ଶନିବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୪ ଗୁଳି, ଗୋଟିଏ କତା, ୨ଟି ପାଟିଆ, ୨ଟି ଛୁରୀ, ଗ୍ଲୋବ୍ସ ଓ ଗୋଟିଏ ଖେଳନା ବନ୍ଧୁକ ଜବତ କରାଯାଇଛି। ଏନେଇ ମାମଲା (ନଂ.୭୦୪/୨୩) ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ସୌରଭ ଓତା ଏବଂ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

## ଆମେଚର ଟାଏକୋଣ୍ଡୋ ତାଲିମ ଶିବିର

କେନ୍ଦୁଝର,୩।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆମେଚର ଟାଇକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ କେନ୍ଦୁଝର ଷ୍ଟାଡ଼ିୟମଠାରେ ଚାଲିଥିବା ଦୁଇଦିନିଆ ଟାଇକୋଣ୍ଡ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ପୁମ୍ସି ଓ ଆଡ୍‌ଭାନ୍ସ ଫାଇଟିଂ ଟେକ୍‌ନିକ୍ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏଥି ସହିତ ଓଡ଼ିଶା ଟାଇକୋଣ୍ଡ ଆସୋସିଏଶନର ସମ୍ପାଦକ ତଥା ସେଭେନ ଡାନ୍ ଇଣ୍ଟରନ୍ୟାସନାଲ ଗ୍ରାଣ୍ଡମାଷ୍ଟର ଗୋପାଳ ଚନ୍ଦ୍ର ରାୟଙ୍କ ଦ୍ୱାରା କଲର ବେଲ୍ଟ ଟେଷ୍ଟ ଦେଇ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ କଲର ବେଲ୍ଟ ପ୍ରଦାନ କରାଯାଇଥିଲା। କଲର ବେଲ୍ଟ ଟେଷ୍ଟରେ ପାସ କରିଥିବା ଛାତ୍ରୀଛାତ୍ରମାନେ ହେଲେ କୃତିକାବ୍ୟ ଦାସ, ସେକ୍ ଜୋହା କୁଲସୁମ, ରିଧିମା ଲାୟକ, ସତ୍ୟବ୍ରତ ଜେନା, ନିଖିଳ ଦାସ, ପୁଷ୍ପିତା ବାରିକ, ଶ୍ରେୟାସ୍ମିତା ସାହୁ, ଜୟସ୍ମିତା ସାହୁ, ଗିରିଜା ଶଙ୍କର ମହାନ୍ତ, ସମର୍ପିତ ସ୍ୱାଇଁ, କୌଶିକ ସାହୁ, ତନୁଶ୍ରୀ ନାୟକ, ରିତେଶ ଗୁପ୍ତା, ନିସ୍ତାରିଣୀ ବେହେରା, ରାଜଶ୍ରୀ ସାହୁ, ଶୁଭ୍ରଜିତ ସାହୁ ଓ ଆୟୁଷ ନାଏକ। କେନ୍ଦୁଝର ଜିଲା ଆମେଚର ଟାଇକୋଣ୍ଡୋ ଆସୋସିଏଶନର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ, ସିନିୟର ବ୍ଲାକ୍‌ବେଲ୍ଟ ଟଙ୍କଧର ନାଏକ, ମନୋଜ ପାତ୍ର, ଦିଗ୍‌ବିଜୟ ବେହେରା, ପାର୍ଥ ସାରଥୀ ସାହୁ , ଦେବରାଜ ସାହୁ, ଆସ୍ଥାମଣି ମାଝି ଓ ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀମାନେ ମାନପତ୍ର ଦେଖାଉଛନ୍ତି।

## ଉମେଶ ନାୟକ ସଭାପତି,ରଘୁନାଥ ପତ୍ରୀ ସମ୍ପାଦକ

ଖଇରା,୩।୧୨(ଉତ୍କଳବନ୍ଧୁ ପଣ୍ଡା)

### ପ୍ରତିଭା ପରିବାରର କର୍ମକର୍ତ୍ତା ମନୋନୟନ


ପ୍ରତିଭା ପରିବାରର ନୂତନ କର୍ମକର୍ତ୍ତା ଓ ସଦସ୍ୟ।

ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ଖ୍ୟାତି ସମ୍ପନ୍ନ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାରର ସାଙ୍ଗଠନିକ ଆଲୋଚନା ଓ କର୍ମକର୍ତ୍ତା ମନୋନୟନ ପୂର୍ବତନ ସଭାପତି ସନାତନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକଙ୍କୁ ସଭାପତି, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀଙ୍କୁ ସାଧାରଣ ସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିଭଳି ବୁଦ୍ଧିରାମ ପାଣିଗ୍ରାହୀଙ୍କୁ ଉପସଭାପତି,ନାରାୟଣ ପେଡାଙ୍କୁ ସହ ସମ୍ପାଦକ, ପ୍ରଭାକର ପଣ୍ଡାଙ୍କୁ କୋଷାଧ୍ୟକ୍ଷ, ସଞ୍ଜୟ ଭଟ୍ଟରାୟ ଓ ଡମ୍ବରୁଧର ମହାନ୍ତିଙ୍କୁ ହିସାବ ରକ୍ଷକ ଭାବେ ମନୋନୀତ କରାଯାଇଥିଲା। ପ୍ରଶାନ୍ତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବସନ୍ତ କୁମାର ଖିଲାର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

## ପ୍ରଥମ ମ୍ୟାଚ୍‌ରେ ବାରିପଦା ଡିଆର୍‌କେ ବିଜୟୀ

ଉଦଳା, ୩।୧୨ (ସନ୍ତୋଷ କୁମାର ବାଛିନୀ)

### ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ମୟୂରଭଞ୍ଜ ଜିଲା ଉଦଳା ହାଇସ୍କୁଲ ପଡ଼ିଆରେ ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ବାରିପଦା ଡିଆର୍‌କେ କ୍ଲବ ଓ ୟୁ ଆଣ୍ଡ୍ ମି ବାଲେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ୟୁ ଆଣ୍ଡ୍ ମି ଦଳ ବୋଲିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରି ଡିଆର୍‌କେ ସମସ୍ତ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ୧୬୩ ରନ୍ ଲକ୍ଷ୍ୟ ନେଇ ୟୁ ଆଣ୍ଡ୍ ମି ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୫୯ ରନ୍ କରି ୩ ରନ୍‌ରେ ପରାଜିତ ହୋଇଥିଲା। ଡିଆର୍‌କେ ପକ୍ଷରୁ ସତ୍ୟନାରାୟଣ ଜୀଉ ୨୮ ରନ୍ ଓ ପ୍ରୀତିପଲ ସିଂ ୨୪ ରନ୍ କରିଥିବା ବେଳେ ଏସ୍.କେ. ୩ ଓ ନୌତମ ଭଞ୍ଜ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସେହିପରି ୟୁ ଆଣ୍ଡ୍ ମି ଦଳ ପକ୍ଷରୁ ରାଜୀବ ଲୋଚନ ୪୩ ଏବଂ ନୌତମ ଭଞ୍ଜ ୩୨ ରନ୍ କରିଥିଲେ। ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଜ୍ୟୋତି ରଞ୍ଜନ ଲେଙ୍କା ଓ କରୁଣାକର ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

ଗବେଷକ ତଥା ଯୁବ ଇଞ୍ଜିନିୟର ନୟାଧର ପଡ଼ିଆଲ ଓ ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକ ଭାସ୍କର ମଢ଼େଇ ଓ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଯୋଗ ଦେଇଥିଲେ। ଉଦଳା କ୍ରିକେଟ ଆସୋସିଏଶନର ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାଜୀବ ଭୋଳ, ଟୁର୍ଣ୍ଣାମେଣ୍ଟ ସମ୍ପାଦକ ଅମିତ ବେହେରା ପରିଚାଳନା କରିଥିବା ବେଳେ କାଜଲ ବେହେରା, ଚନ୍ଦନ ଦୀକ୍ଷିତ, ପାଲଟୁ ପରିଛା ଓ ପପୁ ରାଉତ ସହଯୋଗ କରିଥିଲେ।


ଅତିଥିମାନେ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

## ବିଜେଡି ବୈଠକରେ କଂଗ୍ରେସ ନେତାଙ୍କ ପ୍ରଶ୍ନ

### ସମ୍ମିଳନୀରେ ବିଭ୍ରାଟ ନେଇ ଉତ୍ତେଜନା

ପାଟଣା,୩।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଜିଏନ ହାଇସ୍କୁଲ ସମ୍ମୁଖରେ ରବିବାର ବିଜେଡିର ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ପଥପ୍ରାନ୍ତ କର୍ମୀ ସମ୍ମିଳନୀ ଚାଲିଥିବା ବେଳେ ଅସ୍ୱାଭାବିକ ପରିସ୍ଥିତି ଉପୁଜିଥିଲା। ବୈଠକ ଚାଲିଥିବା ବେଳେ ପାଟଣା ବ୍ଲକ୍‌ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଇଂ. ବିଦ୍ୟାଧର ଦାଶ ପହଞ୍ଚି ଅଞ୍ଚଳ ସମସ୍ୟା ନେଇ ପ୍ରଶ୍ନ କରିଥିଲେ। ଫଳରେ ଉପସ୍ଥିତ ବିଜେଡି କର୍ମୀ ଓ ତାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। କିଛି ସମୟ ଧରି ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା।

ସୂଚନା ମୁତାବକ, ଆଗାମୀ ନିର୍ବାଚନକୁ ନେଇ ବିଜେଡି ପକ୍ଷରୁ ବିଭିନ୍ନ ବ୍ଲକ୍‌ରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ରବିବାର ପାଟଣା ବ୍ଲକ୍‌ରେ ବୈଠକ ଚାଲିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ଇଂ. ବିଦ୍ୟାଧର ଦାଶ ଆସି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ତୁମକୁ ଲଜ୍ଜା ଲାଗୁନାହିଁ ଏଠି ମିଟିଂ କରୁଛ ବୋଲି କହିଥିଲେ। ଘଟଣାକୁ ନେଇ ବିଜେଡିର ଶତାଧିକ ମହିଳା ଓ ପୁରୁଷ କର୍ମୀ ବିଦ୍ୟାଧରଙ୍କୁ ଘେରିଯାଇଥିଲେ। ପରେ ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ଓ ବିଦ୍ୟାଧରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପାଟଣା ବିଧାୟକ ଜଗନ୍ନାଥ ନାଏକ ହସ୍ତକ୍ଷେପ କରି ବିଦ୍ୟାଧରଙ୍କୁ ଦୁର୍ଗା ମଣ୍ଡପ ଭିତରକୁ ନେଇଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ବିଦ୍ୟାଧର କହିଛନ୍ତି, ସେ ରାସ୍ତାରେ ଯିବା ବେଳେ କେତେକ ଲୋକ ତାଙ୍କୁ ଡାକ୍ତରଖାନାକୁ ଡାକି ଡାକ୍ତରଖାନାରେ ଡାକ୍ତର ନ ଥିବା କଥା କହିଥିଲେ। ଖିରେଇଟାଙ୍ଗିରିରୁ ଆସିଥିବା ଜଣେ ମାତ୍ର ଡାକ୍ତରରେ ଆଉଟଡୋର ସହ ପୋଷ୍ଟମର୍ଟମ କରିବା ସମ୍ଭବ ହେଉ ନ ଥିଲା। ଫଳରେ ଏକ ମୃତଦେହ ପଡ଼ି ରହିଥିଲା। ବିଜେଡିର ବୈଠକ ଚାଲିଥିବା ବେଳେ ଡାକ୍ତର ସମସ୍ୟା ନେଇ ବିଧାୟକଙ୍କୁ ଆପତ୍ତି କରିବାକୁ ଯାଇଥିଲେ। ମାତ୍ର ବିଜେଡି କର୍ମୀମାନେ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଯଦି ବିଜେଡିର ନୈତିକ ଦାୟିତ୍ୱ ଅଛି ଦିନକ ଭିତରେ ଡାକ୍ତର ନିଯୁକ୍ତି କରୁ ବୋଲି ସେ କହିଥିଲେ। ବିଜେଡି ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି କହିଛନ୍ତି, ଦଳୀୟ ବୈଠକ ଚାଲିଥିବା ବେଳେ ବିଦ୍ୟାଧର ଆସି ଗାଳିଗୁଲଜ କରିଥିଲେ। ଦଳୀୟ ବୈଠକ ହୋଇଥିବାରୁ ତାଙ୍କୁ ଚାଲିଯିବାକୁ କହିଥିଲେ। ଫଳରେ କଥା କଟାକଟି ହୋଇଥିଲା। ବିଜେଡିର ପଥପ୍ରାନ୍ତ ବୈଠକରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରିନା ନାୟକ, ବିଜେଡି ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲୀପ ସାହୁ, ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଦୀପକ ରାଜ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ ପ୍ରମୁଖ ନେତା ଉପସ୍ଥିତ ଥିଲେ।


ବିଦ୍ୟାଧର ଦାଶଙ୍କୁ ବିଜେଡି କର୍ମୀମାନେ ଘେରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲା ବାରିପଦା ସହର ରଘୁନାଥପୁରଠାରେ ଏକ ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ଗୌତମ କୁମାର ଗୋପ(୨୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍ଏମ୍ ମେଡିକାଲକୁ ପଠାଇଥିଲା।

### ସଂକ୍ଷେପରେ

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ



ବାରିପଦା,୩।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲା ଗାୟତ୍ରୀ ପରିବାର ପକ୍ଷରୁ ବାରିପଦାସ୍ଥିତ ଅମ୍ବିକା ମନ୍ଦିର ପାର୍ଶ୍ୱ ସ୍ୱରୂପ ନଗରଠାରେ ଚାରିଦିନିଆ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବୁଢାରାଉଳ ମଠ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ ଘାଟରୁ ୧୦୮ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଜଳପୂର୍ଣ୍ଣ କଳସ ଧରି ମହିଳାମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଯଥାରୀତି ନୀତି ଅନୁଯାୟୀ ପୂଜାପାଠ ଆରମ୍ଭ ହୋଇଥିଲା। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଋଷିପୁତ୍ରଗଣ ପ୍ରବଚନ ଓ ସଙ୍ଗୀତ ପରିବେଷଣ କରିଥିଲେ। ଗର୍ଭ ସଂସ୍କାର ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଛି। ଆମେ ବଦଳିଲେ ଯୁଗ ବଦଳିବ, ଆମେ ସୁଧାରିଲେ ଯୁଗ ସୁଧାରିବ' ଆଧାରକୁ ଭିତ୍ତିକରି ଜନସାଧାରଣଙ୍କୁ ଦିବ୍ୟବାଣୀ ପ୍ରଦାନ କରିଥିଲେ। ସୋମବାର ସକାଳ ୯ଟାରୁ ଦେବ ପୂଜନ ଆରମ୍ଭ ହୋଇ ଯଜ୍ଞ ହେବ। ବିବିଧ ସଂସ୍କାର ପରେ ଯଜ୍ଞରେ ଆହୂତି ପ୍ରଦାନ କରିଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

## ମହୁମାଛି ଆକ୍ରମଣରେ ୩ ଗୁରୁତର

ଘସିପୁରା,୩।୧୨(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଅନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ମହୁମାଛି ଆକ୍ରମଣରେ ୩ ଜଣ ଗୁରୁତର ହୋଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତରମାନଙ୍କ ମଧ୍ୟରେ ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୂୟାଁଙ୍କ ସ୍ତ୍ରୀ କୁନି ଭୂୟାଁ(୫୧) ପୋଖରୀକୁ ଲୁଗା ସଫା କରିବାକୁ ଆସିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସେହିଭଳି ଘସିପୁରା ବ୍ଲକ୍ର ବରିପାଳ ଜରକସାହିର ବାବୁରାମ ଗୁୟାଁଙ୍କ ସ୍ତ୍ରୀ ଦଶମା ଗୁୟାଁ (୪୫) ଏବଂ ଶିକ୍ଷକ ନବୀନ ଚନ୍ଦ୍ର ହୋ (୩୮) ରାସ୍ତାରେ ଯିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା

ରାଇବଣିଆ,୩।୧୨(ନବୀନ ସାହୁ)- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡ଼ାଠାରେ ଅଗ୍ନିକାଣ୍ଡ ଘଟି ୩ ଘର ସମ୍ପୂର୍ଣ୍ଣ ଜଳିଯିବା ସହ ଆସବାବପତ୍ର ନଷ୍ଟ ହୋଇଛି। ଅଗ୍ନି ବିପନ୍ନ ପରିବାର ବର୍ଗଙ୍କୁ ସ୍ଥାନୀୟ ନେତୃବୃନ୍ଦଙ୍କ ସହିତ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ସାକ୍ଷାତ କରି ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ଉକ୍ତ ପରିବାର ଲୋକେ କିପରି ସରକାରୀ ସହାୟତା ପାଇପାରିବେ ସେନେଇ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ଗାର୍ଡୱାଲ୍ ଡେଇଁ ରାସ୍ତାକଡ଼କୁ ଓଲଟିଲା ଟ୍ରକ୍

### ଦ୍ୱାରଶୁଣୀ ଘାଟି ରାସ୍ତାରେ ୨୪ ଘଣ୍ଟାରେ ୨ ଦୁର୍ଘଟଣା

### ଚାଳକ ମୃତ, ହେଲ୍ପର ଗୁରୁତର

ବାଙ୍ଗିରିପୋଷି,୩।୧୨
(ସଞ୍ଜୟ କୁମାର ଅଗ୍ରୱାଲା)



ଓଲଟି ପଡିଥିବା ଟ୍ରକ୍।

ରାତି ପାହିଲେ ରକ୍ତରଞ୍ଜିତ ହେଉଛି ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଜାତୀୟ ରାଜପଥ ୪୯ର ଦ୍ୱାରଶୁଣୀ ଘାଟି ରାସ୍ତା। ଘାଟି ରାସ୍ତାରେ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅଣଓସାରିଆ ରାସ୍ତା ଯୋଗୁ ଗାଡ଼ି ଓହ୍ଲାଉଥିବା ବେଳେ ବ୍ରେକ୍‌ଫେଲ ହୋଇ ଦୁର୍ଘଟଣା ବଢ଼ିବାର ମୁଖ୍ୟ କାରଣ ବୋଲି ବିଭିନ୍ନ ସମୟରେ କରାଯାଇଥିବା ସର୍ବେକ୍ଷଣରୁ ସ୍ପଷ୍ଟ ହୋଇଛି। ଶନିବାର ସନ୍ଧ୍ୟାରେ ଏକ ଟ୍ରକ୍ ଖସି ପଡ଼ିଥିବା ବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ। ୨୪ ଘଣ୍ଟା ନ ପୂରୁଣୁ ରବିବାର ପୂର୍ବାହ୍ନରେ ପୁଣି ଏହି ଘାଟି ରାସ୍ତାରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବାରୁ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କୋଲକତା ଅଭିମୁଖେ ଯାଉଥିବା ଏକ ଆଇରନ ବୋଝେଇ ଟ୍ରକ୍ ଘାଟି ତଳକୁ ଓହ୍ଲାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାର୍ଡୱାଲ୍ ଡେଇଁ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଚାଳକ ପଶ୍ଚିମବଙ୍ଗ ଅଞ୍ଚଳର ସୁବାସ ଦାସଙ୍କର ଟ୍ରକ୍ ତଳେ ଚାପିହୋଇ ମୃତ୍ୟୁ ଘଟିଥିଲା। ହେଲ୍‌ପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବାଙ୍ଗିରିପୋଷି ପୋଲିସ ଭ୍ୟାନ୍‌ରେ ନେଇ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାଙ୍ଗିରିପୋଷି ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଲିସ ଓ କ୍ରେନ ସାହାଯ୍ୟରେ ଟ୍ରକ୍‌କୁ ସାଇଡ୍ କରି ଚାଳକଙ୍କ ମୃତଦେହ ବାହାର କରିଥିଲେ। ଏହି ଦୁର୍ଘଟଣା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଦୀର୍ଘସମୟ ଧରି ଅଟକି ରହିଥିଲା। ପୋଲିସ ଘଟଣାର ତଦନ୍ତ କରିବା ସହ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ କରାଇଥିଲା।

ପ୍ରକାଶଥାଉ କି, ଦ୍ୱାରଶୁଣୀ ଘାଟିରାସ୍ତାଟି ଅଣଓସାରିଆ ଓ ଗଡ଼ାଣିଆ ଥିବାରୁ ବିଭିନ୍ନ ସମୟରେ ଭାରିଯାନଗୁଡ଼ିକ ଭାରସାମ୍ୟ ହରାଇ ଦ୍ରୁତଗତିରେ ଅନ୍ୟ ଗାଡ଼ିକୁ ପଛପଟୁ ଧକ୍କା ଦେଉଛି ତ କେତେବେଳେ ପଥରରେ ଚାପି ହୋଇ ରହିଯାଉଛି। ଗତ ୨ ବର୍ଷ ମଧ୍ୟରେ କେବଳ ଘାଟି ରାସ୍ତାରେ ୪୦ ଜଣଙ୍କ ଜୀବନ ଯାଇଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

# ଲିଜ୍‌ଧାରୀଙ୍କୁ ତାଗିଦା, ୩୩୦ ଟ୍ରକ୍‌କୁ ଜରିମାନା

### ଆରମ୍ଭ ହେଲା ଧରପଗଡ଼

କେନ୍ଦୁଝର,୩।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ନିକଟରେ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ପରେ ପ୍ରଶାସନ ସ୍ତରରେ ତତ୍ପରତା ଦେଖାଯାଇଛି। ଏ ନେଇ ସଡ଼କ ସୁରକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ବସିଥିଲା। ଜିଲାପାଳ ଆଶୀଷ ଠାକ୍‌ରେ, ଏସ୍‌ପି ନୀତିନ କୁଶଲକର ଡାଗଡୁ ସମେତ ପରିବହନ, ଖଣି, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଏବଂ ୩୩ ଟି ଖଣିର ପ୍ରତିନିଧି ଉପସ୍ଥିତ ରହିଥିଲେ।

ନିୟମାନୁଯାୟୀ ପ୍ରତ୍ୟେକ ଟ୍ରକ୍‌ରେ ରେଡିଅମ ପଟି ଲାଗିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ସବୁ ଟ୍ରକ୍‌ରେ ପାର୍କିଂ ଲାଇଟ୍, ନମ୍ବର ପ୍ଲେଟ୍ ଠିକ୍ ଭାବରେ ରହିବା ଜରୁରୀ। ନିର୍ଦ୍ଦିଷ୍ଟ ପାର୍କିଂସ୍ଥଳରେ ପାର୍କିଂ, ଓଭର ଲୋଡିଂ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାର ଖିଲାପ କଲେ ଟ୍ରକ୍ ଓ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା କରାଯିବ। ଆବଶ୍ୟକ ପଡ଼ିଲେ ବ୍ଲାକ୍ ଲିଷ୍ଟ କରି ଲୋଡିଂ ବାରଣ କରାଯିବାକୁ ନିଷ୍ପତ୍ତି ହୋଇଥିବା ବୈଠକରେ ଉପସ୍ଥିତ ଥିବା ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି। ଅନ୍ୟପକ୍ଷରେ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସଙ୍କ ନେତୃତ୍ୱରେ ଧରପଗଡ଼ କରାଯାଇ ବେଆଇନ ଭାବରେ ପାର୍କିଂ କରିଥିବା ଏବଂ ନିୟମ ଭାଙ୍ଗୁଥିବା ଟ୍ରକ୍‌ଗୁଡ଼ିକ ବିରୋଧରେ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଗତ ଦୁଇ ଦିନରେ ପ୍ରାୟ ୩୩୦ ଟ୍ରକ୍‌ରୁ ୨୦ ହଜାର ଲେଖାଏ ଜରିମାନା ଆଦାୟ କରାଯାଇଛି। ଫଳରେ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ଜାତୀୟ ରାଜପଥରେ ବେଆଇନ ଟ୍ରକ୍ ପାର୍କିଂ ଉପରେ ଅଂକୁଶ ଲାଗିଛି।

# 'ଗଣତନ୍ତ୍ରର ସୁରକ୍ଷାରେ ଆଇନଜୀବୀଙ୍କ ଭୂମିକା ସ୍ୱତନ୍ତ୍ର'




ମଞ୍ଚରେ ଉପସ୍ଥିତି ଅତିଥିମାନେ।

### ଜିଲା ଓକିଲ ସଂଘର ବାର୍ଷିକ ଉତ୍ସବ

କେନ୍ଦୁଝର,୩।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ରାଷ୍ଟ୍ରନିର୍ମାଣ ଓ ଗଣତନ୍ତ୍ରର ସୁରକ୍ଷାରେ ଆଇନଜୀବୀଙ୍କ ଭୂମିକା ସ୍ୱତନ୍ତ୍ର। ସେ ସ୍ୱାଧୀନତା ସଂଗ୍ରାମ ହେଉ କି ଶାସନ ବ୍ୟବସ୍ଥା। ସବୁଥିରେ ଆଇନ୍‌ଜୀବୀମାନେ ଏକ ବିଶେଷ ସ୍ଥାନ ଅଧିକାର କରିଛନ୍ତି ବୋଲି ରବିବାର କେନ୍ଦୁଝର ସଂସ୍କୃତି ଭବନଠାରେ ଅନୁଷ୍ଠିତ ଜିଲା ଓକିଲ ସଂଘର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଜିଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ଆଡ୍‌ଭୋକେଟ ଜେନ୍‌ରୋଲ ତଥା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟପ୍ରସାଦ ମିଶ୍ର, ମୁଖ୍ୟ ବକ୍ତାଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଜାତୀୟ ଆଇନ ପ୍ରତିଷ୍ଠାନର ପ୍ରଫେସର ଡ. ପ୍ରବୀର ପଟ୍ଟନାୟକ, ସମ୍ମାନିତ ଅତିଥିମାନେ କେନ୍ଦୁଝର ଜିଲା ଓ ଦୌରା ଜଜ୍ ଅଶୋକ ପଣ୍ଡା, କଟକର ପୂର୍ବତନ ଜିଲା ଓ ଦୌରା ଜଜ ରାଜକୁମାର ସାହୁ, କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜ ଯୋଗଦେଇଥିଲେ। ଉତ୍ସବରେ ଜିଲାରେ ୫୦ବର୍ଷରୁ ଅଧିକ ଆଇନସେବା ଯୋଗାଇଥିବା ଶୃତିକାନ୍ତ ସାହୁଙ୍କୁ ଶ୍ରୀକାନ୍ତ ମହାପାତ୍ର ସମ୍ମାନ, ବିଦ୍ୟାଧର ପୃଷ୍ଟିଙ୍କୁ ଦାଶରଥି ମହାନ୍ତ ସମ୍ମାନ, ପ୍ରଫୁଲ୍ଲ ପାତ୍ରଙ୍କୁ କରୁଣାକର ପ୍ରଧାନ ସମ୍ମାନ, ଚତୁର୍ଭୁଜ ହୋତାଙ୍କୁ କୀର୍ତ୍ତନ ବିହାରୀ ପଟ୍ଟନାୟକ ସମ୍ମାନ, ଗୋପାଳକୃଷ୍ଣ ପରିଡ଼ାଙ୍କୁ ଅମ୍ବିକା ପ୍ରସାଦ ଦାସ ସମ୍ମାନ, ନିର୍ମଳ ଚନ୍ଦ୍ର ନନ୍ଦଙ୍କୁ ଶଶୀଭୁଷଣ ମିଶ୍ର ସମ୍ମାନ, ଅଚ୍ୟୁତାନନ୍ଦ ପଣ୍ଡାଙ୍କ ଅନୁପସ୍ଥିତିରେ ଜାମାତା ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ମିଶ୍ରଙ୍କୁ ମୁରଲୀଧର ପାଇକରାୟ ସମ୍ମାନ, ଭୁବନାନନ୍ଦ ଦାଶଙ୍କୁ ଶଶୀରଞ୍ଜନ ସାହୁ ସମ୍ମାନ, ଗିରିଜା ଶଙ୍କର ମିଶ୍ରଙ୍କୁ ଭାଗୀରଥି ମହାନ୍ତ ସମ୍ମାନ ଓ ସାଧାରଣ ଅଭିଯୋଜକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୋଗେଶ୍ୱର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଓକିଲ ସଂଘର ସମ୍ପାଦକ ସଞ୍ଜିତ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ଉପସଭାପତି ଅଲୋକ ମହାନ୍ତ ମଞ୍ଚାସୀନ ଥିଲେ।

## ୭ରୁ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ସାଂସ୍କୃତିକ ମହୋତ୍ସବ

ଭଦ୍ରକ, ୩।୧୨ (ରବିନାରାୟଣ ଖିଲାର)

ଭଦ୍ରକର ଚୁନିଦାସ୍ଥିତ କ୍ଷେତ୍ରବାସୀ ଓ ସନ୍ତୋଷୀ ମା'ଙ୍କ ପୀଠରେ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ତୃତୀୟ ସାଂସ୍କୃତିକ ମହୋତ୍ସବ-୨୦୨୩ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାତଦିନ ବ୍ୟାପୀ ମହୋତ୍ସବ ଆସନ୍ତା ୭ ତାରିଖରୁ ଆରମ୍ଭ ହେବ। ପ୍ରତିଷ୍ଠାତା ବାସନ୍ତୀଲତା ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସରପଞ୍ଚ ନିରଞ୍ଜନ ମଲିକ, ରାଜ୍ୟସ୍ତରୀୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର, ସନ୍ତୋଷୀ ମା' କମିଟି ଉପଦେଷ୍ଟା ନିତ୍ୟାନନ୍ଦ ବେହେରା, ଆବାହକ କୃଷ୍ଣଚନ୍ଦ୍ର ବେହେରା, ସଭାପତି ପୀତାମ୍ବର ପରିଡ଼ା, ଜଗନ୍ନାଥ ରାୟ, ମା' କ୍ଷେତ୍ରବାସୀ କମିଟି ସଭାପତି ଗୌର ଗୋପାଳ ଜେନା, ମହୋତ୍ସବ କମିଟି ସଂଯୋଜକ ସନ୍ତୋଷ ଦାସ, ଅଭୟ ସାହୁ, ପ୍ରଧାନଶିକ୍ଷକ ଶେଖର ଜେନା, ବଟକୃଷ୍ଣ ସେଠୀ, ଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ, ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ। ଏହି ମହୋତ୍ସବରେ ମିନାବଜାର ସାଙ୍ଗକୁ ପ୍ରତିଦିନ ସନ୍ଧ୍ୟାରେ ଆଧ୍ୟାତ୍ମିକ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା, ପିଲାମାନଙ୍କ ମଧ୍ୟରେ ନୃତ୍ୟ, ନାଟକ, ସଂଗୀତ ପ୍ରତିଯୋଗିତା କରାଯିବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ଏଥିସହ ମେଲୋଡ଼ି, ଯାତ୍ରା ଓ ସିନେ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# 'ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ'

### ୧୮ ପ୍ରତିଯୋଗିତାରେ ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ବାଲେଶ୍ୱର, ୩।୧୨ (ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ଜୁନିୟର କଲେଜରେ ସମନ୍ୱିତ ଯୁବ ବିକାଶ ଯୋଜନା ଅଧୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ ମଞ୍ଚ ପରିଚାଳନା କରିଥିଲେ।

ମୁଖ୍ୟଅତିଥି ଭାବେ ଶିରିଶ ଚନ୍ଦ୍ର ଜେନା ଯୋଗଦେଇ ଅନୁଷ୍ଠାନକୁ ଗୌରବ ଆଣିଥିବା ପୁରାତନ ଛାତ୍ରଙ୍କ ବିଷୟରେ କହି ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁସ୍ଥ ସମାଜ ଗଠନରେ ନିଜର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ଘୋଷ ଯୋଗଦେଇ ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ସହକାରୀ ପ୍ରାଧ୍ୟାପକ ଭାଗବତ ଭୂୟାଁ ସବିଶେଷ ବିବରଣୀ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସନ୍ତୋଷ କୁମାର ରାଉତ ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁଜିତ ଦାସ, ପୀତାମ୍ବର ବେହେରା, ଅଧ୍ୟାପିକା ବନିତା ମାଝି, ଅପର୍ଣ୍ଣା ସେଠୀ, ପ୍ରିୟଙ୍କା ପତି, ସାଇଜିତା ସେଠୀ, ମିତାଲୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ନାଚ, ଗୀତ, ବକ୍ତୃତା, ଫୁଡ୍ ଫେୟାର, ରାମ୍ପୱାକ ଭଳି ୧୮ ପ୍ରତିଯୋଗିତାରେ ପାଖାପାଖି ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୋନାଲିଶା ମହାନ୍ତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# 'ବୟସର ଅପରାହ୍ନରେ ଏକା ନୁହନ୍ତି ବରିଷ୍ଠ ନାଗରିକ'

ବନ୍ତ, ୩।୧୨(ହରିନାରାୟଣ ମହାନ୍ତି)- ବୟସର ଅପରାହ୍ନରେ ବରିଷ୍ଠ ନାଗରିକ ଏକା ନୁହନ୍ତି। ସେମାନଙ୍କ ସହ ବରିଷ୍ଠ ନାଗରିକ ମଞ୍ଚ ରହିଛି ବୋଲି ରବିବାର ଭଦ୍ରକ ଜିଲା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ଅନୁଷ୍ଠିତ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକୋତ୍ସବରେ ସଭାପତିତ୍ୱ କରି ସଭାପତି ଡ. ସୁଧାଂଶୁ ଶେଖର ନାୟକ ମତବ୍ୟକ୍ତ କରିଛନ୍ତି। ଜିଲା ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲା ଖାଉଟି ବିବାଦ ପ୍ରଶମନ ଆୟୋଗ ଅଧ୍ୟକ୍ଷ ଶିବପ୍ରସାଦ ମହାନ୍ତି, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସଭାପତି ଡ. କୃପାସିନ୍ଧୁ ପଣ୍ଡା, ଭଦ୍ରକ ଜିଲା ମହାସଂଘ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, କଟକ ଜିଲା ମହାସଂଘର ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ, ବନ୍ତ ବିଡିଓ ପ୍ରଦୀପ ସେଠୀ, ଭଦ୍ରକ କ୍ରାଇମ୍ ଡିଏସ୍‌ପି ପୁଷ୍ପଲତା ବାରିକ, ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଆଗରପଡ଼ା ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କୈଳାସ ଚନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇଥିଲେ। ବନ୍ତରେ ଦମକଳ କେନ୍ଦ୍ର ପ୍ରତିଷ୍ଠା, ସବ୍‌ଟ୍ରେଜେରୀ, ଷ୍ଟେଟବ୍ୟାଙ୍କ ଶାଖା, ଏରିଆ ହସ୍ପିଟାଲ ପ୍ରତିଷ୍ଠା ସହ ବରିଷ୍ଠ ନାଗରିକଙ୍କ ଲାଗି ଏକ ଗୃହର ଆବଶ୍ୟକତା ନେଇ ସେମାନେ ପ୍ରଶାସନ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯୁଗ୍ମ ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ଅତିଥି ପରିଚୟ, ଓଷ୍ଟାର ପୂର୍ବତନ ରାଜ୍ୟ କୋଷାଧ୍ୟକ୍ଷ ରଘୁନାଥ ସାହୁ ସ୍ୱାଗତ ଭାଷଣ ପ୍ରଦାନ, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ମଞ୍ଚ ସମ୍ପାଦକ ଭାସ୍କର ଚନ୍ଦ୍ର ପାଢ଼ୀ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନବ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ପରିବେଶ ଓ ଖଣିଜ ସଂରକ୍ଷଣ ସଚେତନତା

ବଡ଼ବିଲ, ୩।୧୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଟଣ୍ଡୋସ୍ଥିତ ରୋଇଡ଼ା ଖଣିରେ ରବିବାର ୨୫ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇବିଏମ(ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ)ର ଭୁବନେଶ୍ୱର ଆଞ୍ଚଳିକ ଶାଖା ଆନୁକୂଲ୍ୟରେ ନାଟକ ଜରିଆରେ ଖଣି ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ଖଣି ଗୁଡ଼ିକର ପଦାଧିକାରୀମାନେ ଖଣି ପରିଦର୍ଶନ ଟିମ୍‌ରେ ସାମିଲ ହୋଇଥିଲେ। ଖଣିରେ ଯାନ୍ତ୍ରିକ ଉତ୍ତୋଳନ ଏବଂ ଖଣି ପରିଚାଳନାରେ ପ୍ରଯୁକ୍ତି ବିଦ୍ୟାର ବିନିଯୋଗ ନିମନ୍ତେ ମିନେରାଲ ରିସୋର୍ସ ସର୍ଭେ ଉପରେ ଟିମ୍ ଗୁରୁତ୍ୱାରୋପ କରିଥିଲା। ଜଳ ପାଇଁ ଅତିରିକ୍ତ ଉତ୍ସ ଓ ଏହାର ସଠିକ ବିନିଯୋଗ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଖଣିରେ ଚତୁଃପାର୍ଶ୍ୱରେ ବୃକ୍ଷରୋପଣ ଦ୍ୱାରା ସବୁଜ ବଳୟର ସୃଷ୍ଟି କରିବା ଦିଗରେ ଖଣି ଗୁଡ଼ିକ ପ୍ରୟାସ ଜାରୀ ରଖିବା ଜରୁରୀବୋଲି ଟିମ୍‌ର ସଦସ୍ୟମାନେ ମତ ପୋଷଣ କରିଥିଲେ। ଖଣି କମ୍ପାନୀ ଅଧିକାରୀ ସଦାନନ୍ଦ ରଣା କହିଥିଲେ, ଖଣିଜ ସଂରକ୍ଷଣ ଓ ବିନିଯୋଗ ନିମନ୍ତେ ଏକ ପିଲେଟ ପ୍ଲାଣ୍ଟ ଓ ବେନିଫିକେଶନ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ନେଇ ସୂଚନା ଦେଇଥିଲେ।

# 'ଶିକ୍ଷା, ଦକ୍ଷତା ଦିବ୍ୟାଙ୍ଗଙ୍କୁ ସକ୍ଷମ କରାଇପାରିବ'




ଜାତୀୟସ୍ତରୀୟ ହ୍ୱିଲ୍‌ଚେୟାର ଫ୍ୟାନ୍‌ସି ଖେଳାଳି ମଧୁସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ

ଭଦ୍ରକ, ୩।୧୨(ସନାତନ ରାଉତ)

ଉପଯୁକ୍ତ ଶିକ୍ଷା ଓ ଦକ୍ଷତା ଦ୍ୱାରା ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରିପାରିବେ। ସରକାରୀ ସୁବିଧା ସୁଯୋଗ ନେଇ ପ୍ରତ୍ୟେକ ଦିବ୍ୟାଙ୍ଗ ନିଜକୁ ସ୍ୱାବଲମ୍ବୀ କରନ୍ତୁ ବୋଲି ଭଦ୍ରକ ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପରାମର୍ଶ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଜିଲା ସମଗ୍ର ଶିକ୍ଷା ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ ସଂଯୋଜନା କରି ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ।

ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜଣେ ଦିବ୍ୟାଙ୍ଗ ଓ ଜଣେ ସ୍ୱାଭାବିକ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ବିବାହ ପାଇଁ ଉଦ୍ଦିଷ୍ଟ ୨ଲକ୍ଷ ୫୦ ହଜାର ଲେଖାଏ ଟଙ୍କାର ପ୍ରୋତ୍ସାହନ ରାଶି ୩ ଦମ୍ପତିଙ୍କୁ ଜିଲାପାଳ ଚେକ୍ ଆକାରରେ ପ୍ରଦାନ କରିଥିଲେ। ସେହିପରି ରାଜ୍ୟ ଓ ଜାତୀୟସ୍ତରରେ ଖେଳିଥିବା ହ୍ୱିଲ୍‌ଚେୟାର ଫ୍ୟାନ୍‌ସି ଖେଳାଳି ମଧୁସ୍ମିତା ସାହୁ, ସ୍ୱର୍ଣ୍ଣପଦକ ବିଜେତା ଅନ୍ତର୍ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଖେଳାଳି ଝିଲ୍ଲୀ ବିରୁଆ, ଫ୍ଲୋର ବଲ୍ ଚାମ୍ପିୟନଶିପ୍‌ରେ ଜାତୀୟ ପୁରସ୍କାର ପାଇଥିବା ଅଜୟ ସିଙ୍ଗୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ଜିଲା କାର୍ଯ୍ୟାଳୟଠାରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ଅନୁଷ୍ଠିତ ଶୋଭାଯାତ୍ରାକୁ ଉପଜିଲାପାଳ ମନୋଜ ପାତ୍ର ଶୁଭାରମ୍ଭ କରିଥିଲେ। ଏଥିରେ ମୂକ, ବଧିର ଓ ଦୃଷ୍ଟିବାଧିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ଥିଲେ। ଶିକ୍ଷକ ଗୌତମ ମହାରଣା ମଞ୍ଚ ପରିଚାଳନା କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଓ ସମଗ୍ର ଶିକ୍ଷାର ଜିଲା ସଂଯୋଜକ ଜଳଧର ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଦିବ୍ୟାଙ୍ଗ କୌଣସି ଗୁଣରେ କମ୍ ନୁହନ୍ତି'

### ୨୦୦ ଛାତ୍ରୀଛାତ୍ରଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ଭୋଗରାଇ,୩।୧୨(ପ୍ରଦୀପ ଦାସ)




ବିଇଓଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ସାମିଲ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

ଦିବ୍ୟାଙ୍ଗ କୌଣସି ଗୁଣରେ କମ୍ ନୁହନ୍ତି। ସେମାନେ ମଧ୍ୟ ଅନ୍ୟମାନଙ୍କ ଭଳି ସବୁ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରି ସାରା ବିଶ୍ୱକୁ ଚମତ୍କୃତ କରିଥାନ୍ତି ବୋଲି ବାଲେଶ୍ୱର ଜିଲା ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୫ ଛାତ୍ରୀଛାତ୍ରଙ୍କୁ ଏମ୍‌ଆଇଏସ୍ କିଟ୍, ୧୦ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୧୦ ଜଣଙ୍କୁ ଆଶାବାଡ଼ି, ୪ ଜଣଙ୍କୁ ହୁଇଲ ଚେୟାର ଓ ୨ ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୁଦାୟ ୮୮୯ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଥାନାଛକ ବଜାର ପରିକ୍ରମା କରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

ପୁରସ୍କାର ବିତରଣୀ ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜ୍ୟୋସ୍ନାରାଣୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦେହୁର୍ଦ୍ଦା ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ସାମାଜିକ କର୍ମୀ ସୁବଳ କୁମାର ଜେନା, ମୁଖ୍ୟବକ୍ତା ଭାବେ ଦୁଇ ଦିବ୍ୟାଙ୍ଗ ଛାତ୍ରୀଙ୍କ ଅଭିଭାବକ ବସନ୍ତ କୁମାର ଜେନା ଯୋଗ ଦେଇଥିଲେ। ଶ୍ରୀବସ୍ତପୁର ମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଅଜୟ ବଲ୍ଲଭ ଗୋସ୍ୱାମୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ ସିଆରସିସି ଜୟନ୍ତୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭୋଗରାଇ କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ହିମାଂଶୁ ଶେଖର ଦାସ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଦେବେନ୍ଦ୍ର କୁମାର ସାହୁ ଓ ବିଇଓ କାର୍ଯ୍ୟାଳୟର କର୍ମଚାରୀ ଅଶ୍ୱିନୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

